# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**26 August – 2025**

**News Editor : Tapan Kumar Moharana**

**************************************

## <u>ମୁଖ୍ୟ ସମ୍ବାଦ</u>

- ସରକାରୀ ବ୍ୟବସ୍ଥା ଓ ହିତାଧିକାରୀଙ୍କ ମଧ୍ୟରେ ସୁସମ୍ପର୍କ ସ୍ଥାପନ ପାଇଁ ରାଜ୍ୟରେ 'ଆମ ଶାସନ' ପୋର୍ଟାଲର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ
- ରାଜ୍ୟରେ ବନ୍ୟା ପରିସ୍ଥିତି ସମ୍ପର୍କରେ ସମୀକ୍ଷା କଲେ  ରାଜ୍ୟପାଳ

— କ୍ଷୟକ୍ଷତି ରିପୋର୍ଟ ଆସିଲା ପରେ ତୁରନ୍ତ କ୍ଷତିପୂରଣ ପ୍ରଦାନ କରାଯିବ; କହିଲେ ରାଜସ୍ୱ ମନ୍ତ୍ରୀ

- ଗଞ୍ଜେଇ ଚୋରା ଚାଲାଣକୁ ରୋକିବା ପାଇଁ ଆଜିଠାରୁ ଓଡ଼ିଶା ପୁଲିସ୍ ପକ୍ଷରୁ ଆରମ୍ଭ ହେଲା ଅପରେସନ୍ ଗଜ

ଏବଂ

- ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପର ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବଜ୍ରପାତ ସହ ବର୍ଷା ନେଇ ରାଜ୍ୟର ସମସ୍ତ ଜିଲ୍ଲାକୁ ସତର୍କ ସୂଚନା

# ଆମ ଶାସନ

ସରକାରୀ ବ୍ୟବସ୍ଥା ଓ ହିତାଧିକାରୀଙ୍କ ମଧ୍ୟରେ ସୁସମ୍ପର୍କ ପ୍ରତିଷ୍ଠା କରି ଉତ୍ତମ ଜନସେବା ସୁନିଶ୍ଚିତ କରିବା ପାଇଁ ଆଜିଠାରୁ ରାଜ୍ୟରେ 'ଆମ ଶାସନ' ପଦକ୍ଷେପକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁଭାରମ୍ଭ କରିଛନ୍ତି। ଭୁବନେଶ୍ୱର ଲୋକସେବା ଭବନରେ 'ଆମ ଶାସନ' ପୋର୍ଟାଲର ଶୁଭାରମ୍ଭ କରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି, ସରକାର ଜନସାଧାରଣଙ୍କ ମତାମତକୁ ଅନୁସରଣ କରି ପ୍ରତ୍ୟେକ ନାଗରିକଙ୍କୁ ସେବା, ସୁବିଧା ଓ ଅଧିକାର ସୁନିଶ୍ଚିତ କରୁଛନ୍ତି।

ରାଜ୍ୟବାସୀଙ୍କ ମତାମତ ଓଡ଼ିଶାର ଭବିଷ୍ୟତ ଗଢ଼ିବା ପାଇଁ ସହାୟକ ହେବ। ଏହି ବ୍ୟବସ୍ଥାରେ ମନ୍ତ୍ରୀ ଓ ପ୍ରଶାସନିକ ଅଧିକାରୀମାନେ ଟେଲିଫୋନ୍ ମାଧ୍ୟମରେ ଜନସାଧାରଣଙ୍କ ମତାମତ ଶୁଣିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

**- V/O - (ମୁଖ୍ୟମନ୍ତ୍ରୀ)**

ଏଥିସହ କ୍ଷେତ୍ର ପରିଦର୍ଶନ ସମୟରେ ସରକାରୀ ଅଧିକାରୀମାନେ ମୋବାଇଲ୍ ଆପ୍ ମାଧ୍ୟମରେ ଜନସାଧାରଣଙ୍କ ମତ ଗ୍ରହଣ କରିବେ। ଏ ନେଇ ସୂଚନା ଓ ପ୍ରଯୁକ୍ତିବିଦ୍ୟା ବିଭାଗ ପକ୍ଷରୁ 'ଆମ ଶାସନ' ନାମକ ଏକ ସ୍ୱତନ୍ତ୍ର ପୋର୍ଟାଲ ଆରମ୍ଭ କରାଯାଇଛି। ପୋର୍ଟାଲ ଜରିଆରେ ହିତାଧିକାରୀ କୌଣସି ନିର୍ଦ୍ଦିଷ୍ଟ ସେବା ବିଷୟରେ ମତାମତ ରଖିପାରିବେ।

ଏହା ସହ ସାମାଜିକ ଗଣମାଧ୍ୟମରେ ହାସ୍‌ଟାଗ୍ ଫିଡ୍‌ବ୍ୟାକ୍ ଓଡ଼ିଶା ସହିତ ଜନସାଧାରଣ ନିଜର ମତାମତ ପୋଷ୍ଟ କରିବାକୁ ଆହ୍ୱାନ ଦିଆଯାଇଛି।

ହ୍ୱାଟ୍ସଆପ୍ ନମ୍ବର ୭୪୦୦୨୨୧୯୦୩ରେ ସିଧାସଳଖ ମତାମତ ପଠାଇ ପାରିବେ। ଟୋଲ୍ ଫ୍ରି ନମ୍ବର ୧୪୪୭୧କୁ କଲ୍ କରି ନିଜର ଆପତ୍ତି ଅଭିଯୋଗ ସିଧାସଳଖ ମଧ୍ୟ ଦେଇ ପାରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ଯାଜପୁର ବନ୍ୟା

ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମ୍‌ପାଟି ରାଜଭବନରେ ରାଜ୍ୟରେ ସୃଷ୍ଟି ହୋଇଥିବା ବନ୍ୟା ପରିସ୍ଥିତି ସମ୍ପର୍କରେ ସମୀକ୍ଷା କରିଛନ୍ତି। ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ବନ୍ୟା ସ୍ଥିତି ନେଇ ରାଜ୍ୟପାଳଙ୍କୁ ଅବଗତ କରାଇଛନ୍ତି। ବୈଠକ ପରେ ଶ୍ରୀ ପୂଜାରୀ ବୈତରଣୀ ନଦୀରେ ସୃଷ୍ଟି ହୋଇଥିବା ବନ୍ୟା ପରିସ୍ଥିତି ଅନୁଧ୍ୟାନ କରିବା ପାଇଁ ଆଜି ଯାଜପୁର ଜିଲ୍ଲା ଗସ୍ତ କରିବେ। ଜିଲ୍ଲାରେ ଘାଇ ସୃଷ୍ଟି ହୋଇ ୩୦ ରୁ ୪୦ଟି ଗ୍ରାମ ପ୍ରଭାବିତ ହୋଇଛି। ପାଣି ଛାଡିଲେ ଘାଇ ମରାମତି କରାଯିବ ବୋଲି ମନ୍ତ୍ରୀ କହିଛନ୍ତି। ୫ ହଜାରରୁ ଉର୍ଦ୍ଧ୍ୱ ବ୍ୟକ୍ତି ରିଲିଫ କେନ୍ଦ୍ରରେ ଆଶ୍ରୟ ନେଇଛନ୍ତି। ସେମାନଙ୍କୁ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଉଛି। ପ୍ରଭାବିତ ଅଞ୍ଚଳରୁ ଗୃହପାଳିତ ପଶୁଙ୍କୁ ସ୍ଥାନାନ୍ତର କରାଯାଇଛି। ପାଣି ଛାଡିଲେ କ୍ଷୟକ୍ଷତି ଆକଳନ କରାଯିବ। ରିପୋର୍ଟ ଆସିଲା ପରେ ତୁରନ୍ତ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

## ନୂଆଖାଇ

ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଖାଇ ଉପଲକ୍ଷେ ଆସନ୍ତାକାଲି ସିଏମ୍-କିଷାନ ହିତାଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସହାୟତାରାଶି ପ୍ରଦାନ କରିବେ। ପ୍ରତ୍ୟକ୍ଷ ସୁବିଧା ହସ୍ତାନ୍ତର -ଡିବିଟି ମାଧ୍ୟମରେ ଚାଷୀଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ୨ ହଜାର ଟଙ୍କା ଲେଖାଏଁ ପଠାଯିବ। ଏହାଦ୍ୱାରା ରାଜ୍ୟର ୫୨ ଲକ୍ଷ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଉପକୃତ ହେବେ। ଏହି ଯୋଜନାରେ ରାଜ୍ୟ ସରକାର ୨ଟି କିସ୍ତିରେ ୪ ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରିଥାନ୍ତି।

## ସ୍ୱାସ୍ଥ୍ୟ ବୀମା ଯୋଜନା

ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ଯୋଜନାର ଆବେଦନ ତାରିଖକୁ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ପୂର୍ବରୁ ଏହା ଚଳିତ ମାସ ୨୫ ତାରିଖ ପର୍ଯ୍ୟନ୍ତ ରହିଥିଲା।  ସାମ୍ବାଦିକମାନଙ୍କ ଅନୁରୋଧ ରକ୍ଷା କରି ରାଜ୍ୟ ସରକାର ଏହାର ଅବଧି ତାରିଖକୁ ବୃଦ୍ଧି କରି କରିଛନ୍ତି। ଚଳିତବର୍ଷ ମଧ୍ୟ ଉଭୟ ନୂତନ ଓ ନବୀକରଣ ନିମନ୍ତେ ସାମ୍ବାଦିକମାନଙ୍କଠାରୁ ଅନ୍‌ଲାଇନ୍ ମାଧ୍ୟମରେ ଆବେଦନ ଗ୍ରହଣ କରାଯାଉଛି।

## ମାଓ ମୁକାବିଲା

ରାଜ୍ୟରେ ଗଞ୍ଜେଇ ଚୋରା ଚାଲାଣର ମୂଳୋତ୍ପାଟନ ପାଇଁ ଅପରେସନ୍ ଗଜର ଆରମ୍ଭ କରାଯାଇଛି। ଓଡିଶା ପୁଲିସ୍ ପକ୍ଷରୁ ବଲାଙ୍ଗିରରେ ଅପରେସନ୍ ଗଜର ଆରମ୍ଭ କରାଯାଇଥିବା ନେଇ ଉତ୍ତରାଞ୍ଚଳ ଆଇଜି ସୂଚନା ଦେଇଛନ୍ତି। ଗଞ୍ଜେଇ ଚୋରା ଚାଲାଣ ସହ ଜଡିତ ସମସ୍ତ ବ୍ୟକ୍ତିଙ୍କୁ ଏହି ଅପରେସନ୍ ମାଧ୍ୟମରେ ପୁଲିସ୍ ଧରିବା ନେଇ ଆଇଜି କହିଛନ୍ତି।

ଅନ୍ୟପକ୍ଷରେ, ମାଓବାଦୀ ମୁକାବିଲାକୁ ପ୍ରତିହତ କରିବା ପାଇଁ ଆଜି ବଲାଙ୍ଗିରରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ଆଇଜି ଅପରେସନ୍ ଓ ଉତ୍ତରାଞ୍ଚଳ ଆଇଜିଙ୍କ ସମେତ ବଲାଙ୍ଗିର, ବରଗଡ଼ ଓ ନୂଆପଡା ଜିଲ୍ଲାର ଆରକ୍ଷୀ ଅଧିକ୍ଷକମାନେ ଉପସ୍ଥିତ ଥିଲେ।

## ଜାତୀୟ ଶିକ୍ଷକ ସମ୍ମାନ

ଗୁରୁ ହିଁ ଏକମାତ୍ର ବ୍ୟକ୍ତି ଯିଏ ଅଜ୍ଞାନ ରୂପକ ଅନ୍ଧକାରକୁ ଦୂର କରି ଜ୍ଞାନ ରୂପକ ଆଲୋକ ପ୍ରଦାନ କରିଥାନ୍ତି। ସମାଜରେ ପ୍ରତ୍ୟେକ ପ୍ରତିଷ୍ଠିତ ଓ ସଫଳ ବ୍ୟକ୍ତିଙ୍କ ପଛରେ ଜଣେ ଗୁରୁଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ। ଉତ୍ତମ ଶିକ୍ଷା ଏବଂ ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ସଦାସର୍ବଦା ଚେଷ୍ଟିତ ଥିବା ଓଡ଼ିଶାର ଦୁଇଜଣ ଶିକ୍ଷକଙ୍କୁ ଆସନ୍ତାମାସ ୫ ତାରିଖ ଗୁରୁ ଦିବସ ଦିନ ନୂଆଦିଲ୍ଲୀର ବିଜ୍ଞାନ ଭବନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଜାତୀୟ ଶିକ୍ଷକ ପୁରସ୍କାର ପ୍ରଦାନ କରିବେ।

ଶୁଣନ୍ତୁ ଏ ସମ୍ପର୍କରେ ଏକ ରିପୋର୍ଟ......

ଛାତ୍ରଛାତ୍ରୀଙ୍କୁ ଉଚିତ୍ ମାର୍ଗଦର୍ଶନ ଦେବାରେ ଦୁଇଜଣ ଗୁରୁଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ। ଜଣେ ଶିକ୍ଷାଗୁରୁ ଓ ଅନ୍ୟଜଣେ ଦୀକ୍ଷା ଗୁରୁ। ଗୁରୁଙ୍କ ଆଦର୍ଶ ଓ ଉପଦେଶକୁ ପାଥେୟ କରି ଛାତ୍ରଛାତ୍ରୀ ଜୀବନରେ ସଫଳତାର ଶିଖର ଛୁଇଁଥାନ୍ତି। ସେମିତି ଦୁଇଜଣ ଆଦର୍ଶ ଶିକ୍ଷକ ହେଉଛନ୍ତି।

ମାଲକାନଗିରି ଜିଲ୍ଲା କୋରୁକୁଣ୍ଡା ବ୍ଲକ୍ ସୋମନାଥପୁର ପଂଚାୟତ କଣ୍ଡେଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର କାର୍ଯ୍ୟରତ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବସନ୍ତ କୁମାର ରଣା। ଅନ୍ୟଜଣେ ଶିକ୍ଷକ ହେଉଛନ୍ତି, କୋରାପୁଟ ପିଏମ୍ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର **ତରୁଣ କୁମାର ଦାସ।**

ଉଭୟ ଶିକ୍ଷକ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ପାଇଁ ସର୍ବଦା ନିଜକୁ ଉତ୍ସର୍ଗ କରି ରଖିବା ସହ ଛାତ୍ରଛାତ୍ରୀଙ୍କ ଜୀବନ ଗଢ଼ିତୋଳିବା ପାଇଁ ବ୍ୟସ୍ତ ରହିଥାନ୍ତି। ଏ ନେଇ ଚଳିତବର୍ଷ ଉଭୟଙ୍କୁ ଜାତୀୟ ଶିକ୍ଷକ ପୁରସ୍କାର ପ୍ରଦାନ ପାଇଁ ମନୋନୀତ କରାଯାଇଛି। ନୂଆଦିଲ୍ଲୀର ବିଜ୍ଞାନ ଭବନରେ ଆସନ୍ତା ୫ ତାରିଖ ଗୁରୁଦିବସ ଦିନ ଉଭୟ ଶିକ୍ଷକଙ୍କୁ ପ୍ରମାଣପତ୍ର ସହ ୫୦ ହଜାର ଟଙ୍କାର ନଗଦ ପୁରୁସ୍କାର ଏବଂ ମାନପତ୍ର ପ୍ରଦାନ କରାଯିବ।

ଏ ନେଇ **ତରୁଣ କୁମାର ଦାସ** ଖୁସି ବ୍ୟକ୍ତ କରି ପ୍ରତିକ୍ରିୟାରେ ଆକାଶବାଣୀକୁ କହନ୍ତି....

# - V/O -

ଗୁରୁ କେବେ ଆକଟ ଭରା କଠୋର ଅନୁଶାସନ ତ କେବେ ପ୍ରେରଣାଦାୟୀ କାହାଣୀ ଶୁଣାଇ ଛାତ୍ରଛାତ୍ରୀଙ୍କୁ ସତ୍ମାର୍ଗରେ ପରିଚାଳିତ କରିଥାନ୍ତି। ସମସ୍ତଙ୍କୁ ଜୀବନରେ ଜଣେ ଗୁରୁଙ୍କର ଆବଶ୍ୟକତା ରହିଥାଏ। ଆକାଶବାଣୀ ସମ୍ବାଦ ବିଭାଗ ପାଇଁ ମୁଁ ସ୍ମୃତିରେଖା ତାରେଣୀଆ

## ଚାଷୀ ସର୍ବେକ୍ଷଣ ଶିବିର

**ନୟାଗଡ଼** ଜିଲ୍ଲା ଓଡ଼ଗାଁ ବ୍ଲକ୍ କୃଷି କାର୍ଯ୍ୟାଳୟଠାରେ ଡିଜିଟାଲ ଫସଲ ସର୍ବେକ୍ଷଣ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ତହସିଲଦାର ଡକ୍ଟର ମାନସ ରଞ୍ଜନ ଭୋଇ ଯୋଗଦେଇ ଏ ସମ୍ପର୍କରେ ଅଂଶଗ୍ରହଣକାରୀମାନଙ୍କୁ ବୁଝାଇବା ସହ ଚାଷୀମାନଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ଯୋଜନା ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ।

## ଚକ୍ଷୁଦାନ ପକ୍ଷ

**ଗଞ୍ଜାମ** ଜିଲ୍ଲା ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ ଚକ୍ଷୁ ବିଭାଗ ପକ୍ଷରୁ ଚକ୍ଷୁଦାନ ପକ୍ଷ ପାଳିତ ହୋଇଯାଇଛି। ହସ୍‌ପିଟାଲର ଡିନ୍ ପ୍ରଫେସର ଡାକ୍ତର ସୁଚିତ୍ରା ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ମୃତ୍ୟୁ ପରେ ଚକ୍ଷୁଦାନ କରିବା ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ଏ ସମ୍ପର୍କିତ ବିଭିନ୍ନ ନିୟମ ଉପରେ ସଚେତନ କରାଇଥିଲେ।

## ପାଣିପାଗ

ସକ୍ରିୟ ଘୂର୍ଣ୍ଣିବଳୟ ପ୍ରଭାବରେ ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏହା ପଶ୍ଚିମ-ଉତ୍ତର-ପଶ୍ଚିମ ଦିଗକୁ ଗତିକରି ଅଧିକ ଘନୀଭୂତ ହେବ। ଏହାର ପ୍ରଭାବରେ ଦକ୍ଷିଣ ଓଡ଼ିଶାରେ ପ୍ରବଳ ରୁ ଅତିପ୍ରବଳ ବର୍ଷା ହେବା ନେଇ ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଅନୁମାନ କରାଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ

ବଜ୍ରପାତ ସହ ପ୍ରବଳ ବର୍ଷା ନେଇ ରାଜ୍ୟର ପ୍ରାୟ ସମସ୍ତ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।

ରାଜ୍ୟରେ ସୃଷ୍ଟି ହୋଇଥିବା ବନ୍ୟା ପରିସ୍ଥିତି ଆସନ୍ତାକାଲିଠାରୁ  ସ୍ୱାଭାବିକ ହେବ ବୋଲି ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଚନ୍ଦ୍ରଶେଖର ପାଢ଼ୀ ସୂଚନା ଦେଇଛନ୍ତି । ବାଲେଶ୍ୱର ଜିଲ୍ଲାର ସୁବର୍ଣ୍ଣରେଖା ନଦୀରେ ସୃଷ୍ଟ ବନ୍ୟା ପରିସ୍ଥିତିରେ ସୁଧାର ଆସୁଛି । ଆଜି ସନ୍ଧ୍ୟାସୁଦ୍ଧା ଜଳସ୍ତର ବିପଦସଂକେତ ତଳକୁ ଖସିବ । ଆଖୁଆପଦାରେ ବୈତରଣୀ ନଦୀ ବିପଦ ସଂକେତ ତଳେ ପ୍ରବାହିତ ହେଉଛି । ହୀରାକୁଦ ଜଳଭଣ୍ଡାରର ୮ଟି ଗେଟ୍ ଦେଇ ଜଳ ନିଷ୍କାସନ ଜାରି ରହିଛି । ପ୍ରତି ସେକେଣ୍ଡରେ ମୁଣ୍ଡଳୀ ବ୍ୟାରେଜ୍ ଦେଇ ୩ ଲକ୍ଷ ଘନଫୁଟ ଜଳ ପ୍ରବାହିତ ହେଉଛି ବୋଲି ଶ୍ରୀ ପାଢ଼ୀ ସୂଚନା ଦେଇଛନ୍ତି ।

# ଟ୍ରେନ୍ ଚଳାଚଳ

ଆସନ୍ତା ପାର୍ବଣ ଋତୁରେ ଯାତ୍ରୀସଂଖ୍ୟା ବୃଦ୍ଧିକୁ ଦୃଷ୍ଟିରେ ରଖି ପାଟନା ଏବଂ ପୁରୀ ମଧ୍ୟରେ ସାପ୍ତାହିକ ପୂଜା ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରିବ । ଚଳିତମାସ ୨୮ ତାରିଖରୁ ଡିସେମ୍ବର ୨୬ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେକ ଗୁରୁବାର ଦିନ ପାଟନାରୁ ଏବଂ ଶୁକ୍ରବାର ଦିନ ପୁରୀରୁ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରିବ ବୋଲି ପୂର୍ବତଟ ରେଳବାଇ ପକ୍ଷରୁ ସୂଚନା ମିଳିଛି ।